# ଶ୍ରମଣା

ଉଦୟଗିରି ହାତୀଗୁମ୍ଫା ସଂଲଗ୍ନ ଶୀଳାର ଚଟାଣପରେ ବସି କମନୀୟ ସଂଧ୍ୟାର ପ୍ରତ୍ୟେକ ମୁହୂର୍ତ୍ତମାନଙ୍କୁ ଅନୁଭବ କରିବାର ସୁଯୋଗ କେବଳ ଭାଗ୍ୟଶାଳୀମାନଙ୍କୁ ହିଁ ମିଳିଥାଏ । ଦକ୍ଷିଣା ପବନଟା ଚମ୍ପା ଓ ତରାଟଫୁଲର ସମ୍ମୋହିତ ବାସ୍ନା କାହିଁ କେଉଁ ଦୂରାନ୍ତରୁ ନେଇ ଆସି ପରଷିଯାଏ ଯେ ତାକୁ ଇର୍ଷା କରିବାକୁ ଇଚ୍ଛା ହୁଏ । ଏ ଖଣ୍ଡଗିରି ଓ ଉଦୟଗିରି ପର୍ବତଦ୍ୱୟ କେଉଁ ଅନାଦିକାଳରୁ ଜଣେ ଜଣେ ଦିଗଭ୍ରଷ୍ଟ ବୃଦ୍ଧପାନ୍ଥ ପରି ବିଗତ ଅତୀତ ମାନଙ୍କର ସ୍ମୃତି ମନ୍ଥନ କରୁଛନ୍ତି । ସେମାନେ ଯେପରି ଗୋଟାଏ ଗୋଟାଏ ଜୀବନ୍ତ ପ୍ରତିମୂର୍ତ୍ତି ଏବଂ ପ୍ରତି ଛତ୍ରେ ଛତ୍ରେ ପଥଚାରୀମାନଙ୍କୁ ଆହ୍ୱାନ କରନ୍ତି ତାଙ୍କର ରୁକ୍ଷ, ଗୁଳ୍ମାଚ୍ଛାଦିତ, ବୃକ୍ଷ ପରିବେଷ୍ଟିତ ବକ୍ଷରେ କତିପୟ କ୍ଷଣମାନଙ୍କୁ ବିତାଇ ଅତୀତର ସୁଦୀପ୍ତ ସ୍ମୃତି ମାନଙ୍କୁ ମନ୍ଥନ କରିବା ପାଇଁ । ମୋପରି ଗୋଟାଏ ଯାଯାବର ବେଳେ ବେଳେ ଚେଷ୍ଟା କରେ ଏହି ସାଧନାଦୀପ୍ତ ପୀଠରେ ତାର ଅତୀତମାନଙ୍କୁ ଚର୍ବଣ କରି କିଛି ସମୟ ବିତୀତ କରିବା ପାଇଁ । ଆଜି ସେହିପରି ଗୋଟାଏ ମୁହୂର୍ତ୍ତରେ ପ୍ରୀତିଲଗ୍ନାଙ୍କର ସ୍ମୃତିରୁ ଗୋଟାଏ ଖିଅ ମୋର ମାନସପଟରେ ଉଦ୍‌ଭାଷିତ ହୋଇଉଠେ ।

ମୁଁ ଜାତି ସ୍ମର ନୁହେଁ ଯେ ପରମ କାରୁଣିକ ତଥାଗତଙ୍କ ପରି ମୋର ପୂର୍ବଜନ୍ମ ବୃତ୍ତାନ୍ତ ଜାଣିପାରିବି । ତଥାପି ଏ ପବିତ୍ର ପୀଠ ମୋତେ ନିଜର ନିଜର ଲାଗେ । ଯେପରି ମୁଁ ଏଠାରେ ମଠରେ ଥିଲି ଗୋଟାଏ ଶ୍ରମଣ ହୋଇ ଓ ପ୍ରୀତିଲଗ୍ନା ଗୋଟାଏ ଶ୍ରମଣା । ପ୍ରୀତିଲଗ୍ନା ଯେ ମୋର ମାନସ ପ୍ରସ୍ତୁତ ଗୋଟାଏ ବାସ୍ତବଚିତ୍ର । ସେ କଅଁଳ ମେଘମାଳାର ଘୁମନ୍ତ ଆଖି ଭିତରୁ ଉଙ୍କିମାରୁଥିବା ଦ୍ୱିତୀୟା ଜହ୍ନର ଗୋଟାଏ କ୍ଷୀଣ ରେଖା ବୋଲି କୁହାଯାଇପାରେ । ପ୍ରୀତିଲଗ୍ନା ମଳୟର ଗୋଟାଏ ଶୀତିଳିତ ଉଚ୍ଛ୍ୱାସ । ସେ ଥରେ ମୋର ମନରେ ବସିଲେ ଦୀର୍ଘ ଭାରାକ୍ରାନ୍ତ ଦରଦୀ ମନରେ ପ୍ରୀତିର ଗୋଟାଏ ସଂଭାବନାମୟ ଝଙ୍କାରର ସୃଜନ ହୁଏ । ଯାହା ମୋର

ଏକାନ୍ତ ବ୍ୟକ୍ତିଗତ ଅମାନତ । ତାର ଅନୁଭବ ମୋ ବ୍ୟତୀତ ଜଣେ ଦ୍ୱିତୀୟ ବ୍ୟକ୍ତିର ସୀମା ସରହଦର ଅନୁଭବୀୟ ମାନଚିତ୍ର ନୁହେଁ । କୁହାଯାଏ ମୋହନ ବଂଶୀ ବାଜିଲେ ରାଧା ମନଟା ଯେ କେବଳ ଉଚ୍ଚାଟ ହୋଇଥାଏ ତାହା ନୁହେଁ ସାରା ଗୋପଟା ସମ୍ମୋହନର ପ୍ରୀତି ସମ୍ଭାରରେ ହୋଇଯାଏ ଉଦ୍‌ବେଳିତ । ସେପରି ପ୍ରୀତିଲଗ୍ନା ଥରେ ମୋର ମନର ଚଉହଦୀରେ ପ୍ରବେଶ କଲେ ଚତୁଃପାର୍ଶ୍ୱ ହୋଇ ଉଠେ ସୁରଭିତ ଏବଂ ମନର ପ୍ରତିଟି ନିକ୍ୱଣ ହୋଇଉଠେ ଝଙ୍କୃତ ।

ପ୍ରୀତିଲଗ୍ନା ମୋର ପ୍ରେମିକା । ମୋର ଚପଳ ତରଳ ବୟସରେ ଯେତେବେଳେ ପ୍ରେମର ମାନେଟା ମନରେ ପଶିପାରୁନଥିଲା, ସେତେବେଳ ପ୍ରୀତିଲଗ୍ନା ହିଁ ଲଗ୍ନିକ ଭାବରେ ପ୍ରୀତିର ଅନୁଭବର ଅନୁପ୍ରବେଶ କରାଇପାରିଥିଲେ ମୋର ମନର ଚଉହଦୀରେ । ସେ ଯେତେବେଳେ ବୟସର ଶୃଙ୍ଖଳାକୁ ଟପି ଯାଇଥିଲେ, ସେତେବେଳେ ମୁଁ ତାର ଦ୍ୱାରଦେଶରେ ପରାଘାତ କରୁଥିଲି ମାତ୍ର। ସେ ମୋର ଘନ କେଶରାଜିରେ କର ସଂଚାଳନ କରୁ କରୁ କହି ବସିଲେ ଜୀବନ ! ମୁଁ ତୁମଠାରେ କେବଳ ଜୀବନର ମାନେ ବୁଝିବାକୁ ଚେଷ୍ଟା କରିଛି ମାତ୍ର । ତୁମେ ଯେପରି ଭୁଲ ବୁଝି ନ ବସ । ଭଲ ପାଇବା ସଞ୍ଚାର ଅନଭିଜ୍ଞ ରୂପାୟନ ଯୋଗୁଁ ହେଉ ବା ବୟସର ନାତିଶୟତା ଯୋଗୁଁ ହେଉ, ସେ ଦିନ ମୁଁ ସେପରି କୌଣସି ଯଥାଯଥ ପ୍ରତ୍ୟୁତ୍ତର ଦେଇ ପାରିନଥିଲି ପ୍ରୀତିଲଗ୍ନାଙ୍କୁ । ମୋର ମୌନତାକୁ ହିଁ ସେ ଭଲ ପାଇ ବସିଲେ । ମୋର ମୁଖକୁ ଚାହିଁ କହିଲେ ଜୀବନ, ତୁମେ କଥା କହିଲେ ମୁଁ ସମ୍ମୋହିତ ହୁଏ । ଆଉ ମୌନ ରହିଲେ ମୋତେ ସ୍ୱର୍ଗୀୟ ଲାଗେ । ତୁମେ ହସିଲେ ମୁଁ ଦିଗହରା ହୁଏ, ଆଉ ହଜିଯାଏ ନ ଫେରିବାର ଗୋଟିଏ ଭାବନାମୟ ସଂସ୍ଥିତି ମଧ୍ୟରେ ନିଜର ସମସ୍ତ ସତ୍ତାକୁ ହଜାଇ ଦେଇ ।

ପ୍ରୀତିଲଗ୍ନା ମୋର ଶୁଭ ଲଗ୍ନର ଗୋଟାଏ ମାଙ୍ଗଳିକ ଉପଚାର । ସେ ହସିଲେ ମୋତେ ନବ ଦୁର୍ବାଦଳ ହରିତମୟ ଲାଗେ । ତା ହସରେ ଉଦୟଗିରିର ପ୍ରତ୍ୟେକଟି ଢ଼ଗର ପୁଷ୍ପିତ ହୋଇଉଠନ୍ତି । ଗେଲବସରିଆ ଅଜଗର ସାପପରି ପଡ଼ି ରହିଥିବା ହାତୀ ନଈଟା ପ୍ଲାବନର ହସକୁରିଆ ସୁଅ ଛୁଟାଇ ଦିଏ । ସେ ମୋ ପାଖକୁ ଆସିଲେ ସବୁଜ ବନାନୀର ପଲ୍ଲବରାଜି ବେପଥୁରେ ପୁଷ୍ପିତ ହୋଇଉଠନ୍ତି । ଆଉ

ପ୍ରୀତିଲଗ୍ନା ସାନ୍ନିଧ୍ୟରେ ମୋର ପ୍ରତ୍ୟେକ ତନ୍ତ୍ରୀ ହୋଇଉଠନ୍ତି ଲାଭାଶକ୍ତ। ଦୀପ୍ତ ଆଲୋକର ବିଶ୍ଳେଷଣ ପରି ଜୀବନଟା ରଙ୍ଗୀନ ହୋଇଉଠେ ।

ପ୍ରୀତିଲଗ୍ନା ହୁଏତ ଆଜି ମୋର ଗୋଟାଏ ସ୍ୱପ୍ନ । କାରୁବାକୀ ଯେଉଁ ସ୍ୱପ୍ନର ସମ୍ମୋହନ ମନ୍ତ୍ରରେ ଦିଗହରା ହୋଇଯାଇଥିଲା, ମୁଁ ଜୀବନ, ଆଜି ସେପରି ହୋଇନାହିଁ ସତ, ମାତ୍ର ମୁଁ ଏଇଠି ଗିରିଦରୀର ସମ୍ମୋହନ ଉଚ୍ଚାଟ ଭାଷା ଯେପରି ପ୍ରୀତିଲଗ୍ନାଠାରୁ ଶୁଣେ । ସେ କହିଉଠେ, କୁହତ ଜୀବନ ! ମନନଦୀ ଉଦ୍‌ବେଳିତ ହେଲେ ତାର ଜଳ ପ୍ଲାବନର ତୀବ୍ରତା ଏତେ ବେଗମୟ ହୋଇଯାଏ ଯେ, ତାହା କେବଳ ଭାଷାର ସମୁଦ୍ର ମଧ୍ୟରେ ଲୀନ ହେବାର ଉପକ୍ରମ କରେ । ନୀଳ ଗଗନରେ ଦୂରନ୍ତ ଜହ୍ନର କେଉଁ ଆକର୍ଷଣ ପାଇଁ ନିରିମାଖି କଇଁଟା ତଡ଼ାଗର ନୀଳ କାଚକେନ୍ଦୁ ପାଣି ମଧ୍ୟରେ ବି ପ୍ରସ୍ଫୁଟିତ ହୋଇପାରେନା । ଦୀର୍ଘ ଦିନର ବ୍ୟବଧାନ ପରେ ମଧ୍ୟ ହଂସରାଳୀ ସେଇ ମାନସ ହ୍ରଦର ଜଳରେ ଝାସ ଦେବାର ଅଭିପ୍ସା ନେଇ ଧାବମାନ ହୁଏ । ବୟସର ପରିପକ୍ୱତା ବା ଅପରିପକ୍ୱତା ଯେ ପ୍ରେମର ପରିମାପକ ନୁହେଁ। ତେବେ ପ୍ରେମର ପରିମାପକ କଣ ହୃଦୟରେ ଉଙ୍କିମାରୁଥିବା ଅବଚେତନତାର ଉଦ୍‌ବେଗ ? ନା, ମନ ମନ୍ଦିରରେ ଅଧିରୁଢ ଗୋଟାଏ ଲାସ୍ୟମୟୀ ମୂର୍ତ୍ତିର ଅଙ୍ଗ ସୌଷ୍ଠବର ଏକ ଅପରୂପ ପରିପ୍ରକାଶ ? ଗୋଟାଏ ଅନୂଢା କିଶୋରୀର ପ୍ରେମର ପରିପ୍ରକାଶ ଗୋଟାଏ ପୌଢା କିଶୋରୀର ପ୍ରେମର ପରିପ୍ରକାଶଠାରୁ ଅଧିକ ରମଣୀୟ ଓ ସ୍ପୃହଣୀୟ ନୁହେଁ କି ? ତେବେ ଜୀବନ! ମାନବ ଜୀବନର କେଉଁ ଚିନ୍ତାଧାରାର ପରିପ୍ରକାଶ ଏଥି ନିମିତ୍ତ ସୃଷ୍ଟ ଓ ବ୍ୟାପ୍ତ ? ପ୍ରୀତିଲଗ୍ନାଙ୍କର ପ୍ରଶ୍ନ ବାଣରେ ମୁଁ ଜୀବନ, ବେଳେ ବେଳେ ଉଦ୍‌ଭ୍ରାନ୍ତ ହୋଇ ଉଠେ । ଉଦୟଗିରିସ୍ଥ ଶ୍ରମଣ ଅଧିବାସୀୟ ଦରୀ ମାନଙ୍କରୁ ମୋ ପାଇଁ ସଂବେଦନାର ଭାଷା ଶୁଣାଯାଏ । ସେ ଶବ୍ଦର ମହକ ମୋତେ ଶାନ୍ତ ଓ ନୀରବ ବାତାବରଣ ମଧ୍ୟରେ ମୌନ ରହିବାର ଐକାନ୍ତିକତା ଦେଖାଇଥାଏ ।

ଆଜି ଗୋଟାଏ ବର୍ଷଣମୁଖୀ ସନ୍ଧ୍ୟା ପ୍ରୀତିଲଗ୍ନା । ମୁଁ ସେଇ ପ୍ରେମର ପ୍ରଣବ ସୃଷ୍ଟିକାରୀ ଦରୀ ମଧ୍ୟରେ ଉପବେସନ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ବାରିଧରର ନୟନ ସ୍ରବିତ ଜଳଧାରା ବା ପ୍ରେମର ଭାବମୟ ଇଚ୍ଛାସର ଆବେଗକୁ ଦେଖୁଛି ।

ତା' ଭିତରେ ତୁମରି ଶାରୀରିକ ସାନ୍ନିଧ ନ ପାଇଲେ ବି ଅଶରୀରୀ ପରିପ୍ରକାଶରେ ମୁଁ ଚିନ୍ମୟ ହୋଇ ଉଠେ । ତୁମେତ କହିଥିଲ ଜୀବନ, ବର୍ଷା ସାରା ଜଗତପାଇଁ ମଙ୍ଗଳକାରୀ । ଉଦ୍ଭିଦ ତାର ଉତ୍ଫୁଲ୍ଲିତ ଜୀବନରେ  ନବ କିଶଳୟର ଉଦ୍ଗମିତ ସ୍ତବକମାନଙ୍କୁ ପାଇ ଦଗହରା ହୁଏ । ହେଲେ ତୁମେ କେବେ ଚିନ୍ତା କରିଛ କି କମଳିନୀ ସରସୀ ବକ୍ଷରେ ବର୍ଷାର ପ୍ରାଦୁର୍ଭାବରେ କ୍ଷୀଣରୁ କ୍ଷୀଣତର ହୋଇ ବାରିଧାରାର ପ୍ରାଚୁର୍ଯ୍ୟ ମଧ୍ୟରେ ଲୀନ ହୋଇଯାଏ ? ମୁଁ ଜାଗତିକ ପ୍ରେମର ପରିପ୍ରକାଶ ପାଇଁ ଦିନେ ହୁଏତ ଉଦ୍ବିଗ୍ନ ଥିଲି ଜୀବନ! ତଥାଗତଙ୍କର ଅର୍ଦ୍ଧଉନ୍ମୀଳିତ ଚକ୍ଷୁର ସାମାନ୍ୟ ଦର୍ଶନରେ ହିଁ ମୋର ଅନ୍ତଃ ଚକ୍ଷୁର ଉନ୍ମୀଳନ ହେଲା ଏବଂ ଆଉ ଦିନେ ବି ମୁଁ ଜାଗତିକ ପ୍ରେମର ମିଳନ ବା ବିଚ୍ଛେଦରେ ବ୍ୟଥିତ ହୋଇପାରୁନାହିଁ । ତୁମେ ବି ଆସ ଜୀବନ ! ସେଇ ସତ୍ ଚିରନ୍ତନ ତଥାଗତଙ୍କର ପରମ ରମଣୀୟ ଆଶିଷଧାରା ପ୍ରାପ୍ତ ହୋଇ ଏଇ ଶ୍ରମଣାଧ୍ୟୁଷିତ ଖଣ୍ଡଗିରି ଓ ଉଦୟଗିରିର ଶାସ୍ୱତ ବକ୍ଷରେ ସମାଧି ନେଇଯିବା ।

ତାପରେ ହୁଏତ ପ୍ରୀତିଲଗ୍ନାଙ୍କର ପ୍ରୀତିର ମୁହ୍ୟମାନ ସ୍ୱାଦ ଚାଖିବାର ଅଭିପ୍ସା ମୋର ମନରେ କେବେବି ଜାଗରୁକ ହୋଇନାହିଁ ।

***